# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

1969 TO 2029 ECHO OF HIS CALL SINCE 1969

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVIII | YEAR OF OUR LORD JESUS CHRIST, 2026 MARCH | No.01

### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୪:୧-୮)

୧ ହେ ମୋହର ଧର୍ମସ୍ୱରୂପ ପରମେଶ୍ୱର, ମୁଁ ଡାକିଲେ ମୋତେ ଉତ୍ତର ଦିଅ; ସଙ୍କଟରେ ଥିବା ସମୟରେ ତୁମ୍ଭେ ମୋତେ ପ୍ରଶସ୍ତ ସ୍ଥାନ ଦେଇଅଛ : ମୋତେ ଦୟା କର ଓ ମୋହର ପ୍ରାର୍ଥନା ଶୁଣ ।

୨ ହେ ମନୁଷ୍ୟସନ୍ତାନଗଣ, କେତେ କାଳ ମୋହର ଗୌରବ ଅପମାନରେ ପରିଣତ ହେବ ? କେତେ କାଳ ତୁମ୍ଭେମାନେ ଅସାରତାକୁ ସ୍ନେହ କରିବ ଓ ମିଥ୍ୟାର ଅନ୍ୱେଷଣ କରିବ ?

୩ ମାତ୍ର ସଦାପ୍ରଭୁ ଆପଣା ପାଇଁ ସଦ୍‌ଭକ୍ତ ଲୋକକୁ ପୃଥକ୍ କରି ରଖିଅଛନ୍ତି, ଏହା ଜ୍ଞାତ ହୁଅ; ମୁଁ ସଦାପ୍ରଭୁଙ୍କୁ ଡାକିଲେ, ସେ ଶୁଣିବେ ।

୪ ଭୀତ ହୁଅ ଓ ପାପ କର ନାହିଁ; ତୁମ୍ଭେମାନେ ଶଯ୍ୟା ଉପରେ ମନେ ମନେ କଥା କହି ନୀରବ ହୁଅ ।

୫ ଧର୍ମବଳି ଉତ୍ସର୍ଗ କର ଓ ସଦାପ୍ରଭୁଙ୍କଠାରେ ବିଶ୍ୱାସ କର ।

୬ ଅନେକେ କହନ୍ତି, କିଏ ଆମ୍ଭମାନଙ୍କୁ ମଙ୍ଗଳ ଦେଖାଇବ ? ହେ ସଦାପ୍ରଭୋ, ଆମ୍ଭମାନଙ୍କ ପ୍ରତି ଆପଣା ମୁଖର ତେଜ ପ୍ରକାଶ କର ।

୭ ତୁମ୍ଭେ ମୋ' ଅନ୍ତଃକରଣରେ ଆନନ୍ଦ ଦେଇଅଛ, ତାହା ସେମାନଙ୍କ ଶସ୍ୟ ଓ ଦ୍ରାକ୍ଷାରସ ବୃଦ୍ଧିକାଳର ଆନନ୍ଦ ଅପେକ୍ଷା ଅଧିକ ।

୮ ମୁଁ ଶାନ୍ତିରେ ଶୟନ କରିବି ଓ ନିଦ୍ରା ଯିବି; କାରଣ ହେ ସଦାପ୍ରଭୋ, କେବଳ ତୁମ୍ଭେ ମୋତେ ନିରାପଦରେ ବାସ କରାଉଅଛ ।

## ଆପଣ ଈଶ୍ୱରଙ୍କ ଉପସ୍ଥିତିରେ ଆଶୀର୍ବାଦ ପ୍ରାପ୍ତ ହେବେ !

YOU WILL HAVE BLESSED PEACE IN GOD'S PRESENCE!

ଭଉଣୀ ଆଞ୍ଜେଲା



''ଆହ୍ୱାନର ପ୍ରତିଧ୍ୱନି''ର ସଂପ୍ରସାରିତ ପରିବାର ପ୍ରତି ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ବହୁମୂଲ୍ୟ ନାମରେ ଅଭିବାଦନ ! ଆପଣମାନେ ପ୍ରତ୍ୟେକ ଜଣ ଯେପରି ପ୍ରତ୍ୟେକ ମାର୍ଗରେ ଉନ୍ନତି କରିବେ, ଏପରିକି ଖ୍ରୀଷ୍ଟଙ୍କଠାରେ ଆପଣମାନଙ୍କର ଆତ୍ମାରେ ମଧ୍ୟ ଉନ୍ନତି କରିବେ, ଏହା ମୋର ଆନ୍ତରିକ ପ୍ରାର୍ଥନା ଅଟେ ।

ଆମେ ଏହି ମାସ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଥିବାରୁ, ମୁଁ ଆମର ସମସ୍ତ ମହିଳା ପାଠିକାମାନଙ୍କୁ ଆନ୍ତରିକ ଅଭିବାଦନ ଓ ଆଶୀର୍ବାଦ ଜଣାଉଅଛି । ଆପଣମାନେ ଉତ୍ତମ ସ୍ୱାସ୍ଥ୍ୟ, ନୂତନୀକୃତ ଶକ୍ତି ଓ ପ୍ରଚୁର ଅନୁଗ୍ରହ ଲାଭ କରନ୍ତୁ । ଈଶ୍ୱର ଯେପରି ଆପଣମାନଙ୍କୁ ତାଙ୍କ ବାକ୍ୟରେ ଚିତ୍ରିତ ହୋଇଥିବା ଜ୍ଞାନବତୀ ନାରୀମାନଙ୍କ ସଦୃଶ ହେବାରେ, ଅର୍ଥାତ୍ ନିଜ ନିଜ ଗୃହକୁ ନିର୍ମାଣ କରୁଥିବା, ନିଜ ନିଜ ପରିବାରର ଲାଳନପାଳନ କରୁଥିବା ଓ ଈଶ୍ୱରଙ୍କର ପ୍ରେମକୁ ଅତି ବ୍ୟାକୁଳ ଭାବରେ ଆବଶ୍ୟକ କରୁଥିବା ଏକ ଜଗତରେ ଆଲୋକ ପ୍ରକାଶ କରୁଥିବା ନାରୀମାନଙ୍କ ସଦୃଶ ହେବାରେ ସାହାଯ୍ୟ କରିବେ, ଏହା ମୋର ପ୍ରାର୍ଥନା ଅଟେ । ଆସନ୍ତୁ, ଆମେ ଜ୍ଞାନରେ ଆଚରଣ କରିବା, ସମ୍ମାନ ଓ ଶକ୍ତିରେ ବିଭୂଷିତ ହେବା ଓ ଆମର ସମସ୍ତ କାର୍ଯ୍ୟରେ ଖ୍ରୀଷ୍ଟଙ୍କର ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରିବା ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

ଆହ୍ୱାନର ପ୍ରତିଧ୍ୱନିର



ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

★ Please Subscribe and Share ★

ECHO OF HIS CALL - (Marching towards 60th year)
Estd. 1969



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

"ସିଦ୍ଧତା ଓ ସରଳତା ମୋତେ ରକ୍ଷା କରୁ, କାରଣ ମୁଁ ତୁମ୍ଭର ଅନୁସରଣ କରେ" ଗୀତ. ୨୫:୨୧



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

ପ୍ରଭୁ ଯୀଶୁ ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,

ଏହି ୨୦୨୬ ବର୍ଷରେ ଈଶ୍ୱର ଆମକୁ ମାର୍ଚ୍ଚ ମାସରେ ପ୍ରବେଶ କରିବାର ସାମର୍ଥ୍ୟ ଦେଇଛନ୍ତି । ଯଦିଓ ଅତୀତର ମାସଗୁଡ଼ିକ କଷ୍ଟକର ଓ ଆହ୍ୱାନମୂଳକ ଥିଲା, ତଥାପି ତାଙ୍କର ଅନୁଗ୍ରହ ସର୍ବଦା ଆମ ନିମନ୍ତେ ଯଥେଷ୍ଟ ହୋଇ ରହିଛି ଓ ସେହିପରି ରହିଥିବ ।

ପ୍ରଭୁ ଆମର ବିଦ୍ୟାଳୟକୁ ଏକ ସମର୍ପିତ ଶିକ୍ଷକ ଦଳ ଓ ଅଣ-ଶିକ୍ଷକ କର୍ମଚାରୀମାନଙ୍କୁ ଯୋଗାଇଅଛନ୍ତି । ଆମେ ୨୦୨୬ ଜାନୁଆରୀ ୩୦ ତାରିଖରେ ଆମର ୨୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳନ କରିଥିଲୁ ।




ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ବିଦ୍ୟାଳୟ – ଖେଳ ଦିବସ

ଡ. ପ୍ରେମଚାନ୍ଦ ଆମର ମୁଖ୍ୟ ଅତିଥି ଥିଲେ, ଓ ସମଗ୍ର ଦିନଟି ବିଭିନ୍ନ ପ୍ରକାର କ୍ରୀଡ଼ା କାର୍ଯ୍ୟକ୍ରମରେ ପରିପୂର୍ଣ୍ଣ ଥିଲା । ଅନେକ ପିତାମାତା ଆମ ସହିତ ଯୋଗ ଦେଇଥିଲେ ଓ ପିଲାମାନେ ଅସାଧାରଣ ପ୍ରତିଭା ଓ ଶୃଙ୍ଖଳା ପ୍ରଦର୍ଶନ କରୁଥିବା ସମୟରେ ସେମାନଙ୍କୁ ଉତ୍ସାହିତ କରୁଥିଲେ ।

ଆମର ଦେଶ ଓ ଜଗତ ପାଇଁ ଦାୟିତ୍ୱବାନ୍ ନାଗରିକମାନଙ୍କୁ ବୃଦ୍ଧି କରିବାରେ ଆମକୁ ସକ୍ଷମ କରିଥିବାରୁ, ଆମେ ଈଶ୍ୱରଙ୍କ ନିକଟରେ କୃତଜ୍ଞ ଅଟୁ । ଆମର ଛାତ୍ରମାନେ ବର୍ତ୍ତମାନ ୨୦୨୬ ଏପ୍ରିଲରେ ଅନୁଷ୍ଠିତ ହେବାକୁ ଯାଉଥିବା ସରକାରୀ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି । ଆମର ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ (ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ଉଚ୍ଚ ବିଦ୍ୟାଳୟ) ପାଇଁ ଅଧିକ ସମର୍ପିତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଯୋଗାଇବା ନିମନ୍ତେ ଆମେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ ।



ଆମର ମୁଖ୍ୟ ମଣ୍ଡଳୀର ପୁରୁଷମାନଙ୍କର ସଭା – ଯୋଶୂଆ ୱାରିୟର ଦଳ

HON. EDITOR-IN-CHIEF
Rev. Dr.Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.
EDITOR, PUBLISHER & PRINTER

Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

Our Ministries: ECHO OF HIS CALL Monthly Magazines (16 languages) · BIBLECOR - Postal Courses (3 languages) · YouTube Ministry · Online Courses · Theological Correspondence Courses (2 languages) · Church Planting · Nehemiah Bible Colleges · Gospel Printing Press · Great Commission Partners · St. Paul's Matriculation School · Crusades · Community Development

ଆମେ ଆମ ପୁଷ୍ପା ମଣ୍ଡଳୀର ପୁରୁଷମାନଙ୍କ ନିମନ୍ତେ ''ଯୋଶୁଆ ଓ୍ୱାରିୟରସ୍'' ନାମକ ଗୋଟିଏ ଅତି ଚମତ୍କାର ଏକ-ଦିବସୀୟ ସଭାର ଆୟୋଜନ କରିଥିଲୁ । ୨୦୨୬ ଜାନୁୟାରୀ ୨୬ରେ ଅନୁଷ୍ଠିତ ହୋଇଥିବା ଏହି ସଭା ସକାଳ ୭.୦୦ରୁ ଆରମ୍ଭ ହୋଇ ସନ୍ଧ୍ୟା ୫.୦୦ରେ ଶେଷ ହୋଇଥିଲା । ଏଥିରେ ପ୍ରାୟ ୭୦ ଜଣ ସମର୍ପିତ ପୁରୁଷ ଅଂଶଗ୍ରହଣ କରିଥିଲେ । ପ୍ରଭୁ ଯୋଗ ଦେଇଥିବା ସମସ୍ତ ଲୋକଙ୍କ ଉପରେ ତାଙ୍କର ଶକ୍ତି ଢାଳି ଦେଇଥିଲେ ଓ ପ୍ରତ୍ୟେକ ଜଣ ଈଶ୍ୱରଙ୍କଠାରୁ ଏକ ବିଶେଷ ସ୍ପର୍ଶର ଅନୁଭୂତି ପାଇଥିଲେ ।

ସମଗ୍ର ଭାରତରେ ସୁସମାଚାର ପହଞ୍ଚାଇବା ପାଇଁ, ପ୍ରଭୁ ଉଭୟ ବକ୍ତା ଓ ଅଂଶଗ୍ରହଣକାରୀମାନଙ୍କ ନୂତନୀକୃତ ଦର୍ଶନ ଓ ସମର୍ପଣ ସହିତ ବହୁ ଭାବରେ ଆଶୀର୍ବାଦ କରିଥିଲେ ।

ଆମେ ଅତିଶୀଘ୍ର ସେହିପ୍ରକାର ଏକ ପାରିବାରିକ ଶିବିରର ଆୟୋଜନ ପାଇଁ ଯୋଜନା କରୁଅଛୁ । ଦୟାକରି ସଠିକ୍ ସମୟ, ସ୍ଥାନ ଓ ବକ୍ତାମାନଙ୍କ ବିଷୟରେ ଈଶ୍ୱରଙ୍କର ଚାଳନା ନିମନ୍ତେ ପ୍ରାର୍ଥନା କରନ୍ତୁ ।

### ଆମର ଅନ୍ୟାନ୍ୟ ସେବାକାର୍ଯ୍ୟ

ପ୍ରଭୁ ନିହିମିୟା ବାଇବଲ କଲେଜ ଓ ଆମର ମାସିକ ପତ୍ରିକା ସହିତ ଆମର ଅନ୍ୟ ସମସ୍ତ ସେବାକାର୍ଯ୍ୟ ପ୍ରତି ଅନୁଗ୍ରହଶୀଳ ହୋଇଛନ୍ତି ।

ନିହିମିୟା ବାଇବଲ କଲେଜର ପରବର୍ତ୍ତୀ ଉପାଧିପ୍ରଦାନ କାର୍ଯ୍ୟକ୍ରମ ୨୦୨୬ ଜୁଲାଇ ୪ରେ ଅନୁଷ୍ଠିତ ହେବ । ପରବର୍ତ୍ତୀ ଶିକ୍ଷାବର୍ଷ ପାଇଁ ପାଠପଢ଼ା ୨୦୨୬ ଜୁନ୍ ମାସର ପ୍ରଥମ ସପ୍ତାହରେ ଆରମ୍ଭ ହେବ । ଈଶ୍ୱର ଯେପରି ଆମର କଲେଜ ପାଇଁ ନୂତନ ଓ ସମର୍ପିତ ଛାତ୍ରମାନଙ୍କୁ ପ୍ରେରଣ କରିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ । ଆମେ ନିମ୍ନ ଲିଖିତ ପାଠ୍ୟକ୍ରମ ପ୍ରଦାନ କରୁଅଛୁ ।

ଥିଓଲୋଜିରେ ଡିପ୍ଲୋମା **(Dip. Th)**

ଥିଓଲୋଜିରେ ସ୍ନାତକ **(B. Th)**

ଏହି ପାଠ୍ୟକ୍ରମଗୁଡ଼ିକ ତାମିଲ୍, ଇଂରାଜୀ ଓ ହିନ୍ଦୀରେ ଉପଲବ୍ଧ ଅଟେ । ଆମେ ଆମର ସମର୍ପିତ ଅଧ୍ୟାପକ ଓ ପରିଚାଳକମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା ଅନୁରୋଧ ଜଣାଉଅଛୁ ।

ଆମେ ଆମର ମିଶନ କ୍ଷେତ୍ରରେ ଓ ପରିଚାଳନା ବିଭାଗରେ କାର୍ଯ୍ୟରତ ଆମର ସମସ୍ତ କର୍ମଚାରୀମାନଙ୍କ ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛୁ ।

ଆମେ ଆପଣମାନଙ୍କ ନିମନ୍ତେ ନିରନ୍ତର ପ୍ରାର୍ଥନା କରୁଅଛୁ ଓ ଆମ ସେବାକାର୍ଯ୍ୟ ନିମନ୍ତେ ଆପଣମାନଙ୍କର ପ୍ରାର୍ଥନା ଓ ସହାୟତା ଚାହୁଁଅଛୁ ।

ଈଶ୍ୱରଙ୍କର ଅନୁଗ୍ରହ ଆପଣମାନଙ୍କର ସମସ୍ତଙ୍କର ସହବର୍ତ୍ତୀ ହେଉ,

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ଭାଇ,

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ସେବକ,

ପାଳକ ଏସ୍.ସାମ୍.ସେଲ୍ଭରାଜ
E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

## ବିଶ୍ରାମର ଦାନ : ଆମ ଜୀବନ ପାଇଁ ଈଶ୍ୱରଙ୍କର ପରିକଳ୍ପନା

ବହୁ କାର୍ଯ୍ୟ କରିବାର ଅବିଶ୍ୱସନୀୟ ସାମର୍ଥ୍ୟ ରଖିଥିବା ମହିଳାମାନଙ୍କ ଉପରେ ଚିନ୍ତା କରୁଥିବା ସମୟରେ, ମୋର ଭାବନା ଦୁଇଜଣ ଚମତ୍କାର ମହିଳା, ଯଥା, ମୋର ମା' ଓ ମୋର ଆଈଙ୍କ ପ୍ରତି ଫେରିଥିଲା, ଯେଉଁମାନେ ସେମାନଙ୍କର ପରିବାରକୁ ଓ ମୋର ପିତାଙ୍କର ସେବାକାର୍ଯ୍ୟକୁ ସହାୟତା ପ୍ରଦାନ କରିବା ପାଇଁ ନିରବଚ୍ଛିନ୍ନ ଭାବରେ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ସେମାନଙ୍କର ସମର୍ପଣ ମୋତେ ଏକ ବଡ଼ ଉପଲବ୍ଧି ଦିଗକୁ କଢ଼ାଇ ନେଇଥିଲା : ପ୍ରକୃତରେ ''ବିଶ୍ରାମ'' କେତେ ଅନିବାର୍ଯ୍ୟ !

ଯଦିଓ ମୁଁ, ମୁଖ୍ୟତଃ, ମହିଳାମାନଙ୍କ ବିଷୟରେ କହୁଅଛି, ତଥାପି ପୁରୁଷମାନେ ମଧ୍ୟ ବିଶ୍ରାମ ସମ୍ବନ୍ଧୀୟ ଚିନ୍ତାଧାରା ସହିତ ସଂଘର୍ଷ କରନ୍ତି । ସେମାନେ କାର୍ଯ୍ୟ ଓ ପରିବାରର ଦାୟିତ୍ୱ ମଧ୍ୟରେ ଛନ୍ଦି ହୋଇ ଅତି ଉଦ୍‌ଯୋଗର ସହିତ ନିଜ ପରିବାରର ଭରଣପୋଷଣ ନିମନ୍ତେ ପରିଶ୍ରମ କରନ୍ତି । ଆଜିର କ୍ଷିପ୍ରଗାମୀ, ଚଳଚଞ୍ଚଳ ଜଗତରେ, ବିଶ୍ରାମ ଏପରି ଏକ ବିଳାସ ସଦୃଶ ମନେହୁଏ, ଯାହାକୁ କେହି ପାଇପାରିବେ ବୋଲି ଭାବନ୍ତି ନାହିଁ । ଏପରିକି ଆମର ପିଲାମାନେ ମଧ୍ୟ ବିଦ୍ୟାଳୟର କାର୍ଯ୍ୟ, ଅତିରିକ୍ତ ପାଠ ପଢ଼ା ଓ ନିରବଚ୍ଛିନ୍ନ ପରୀକ୍ଷା ଦ୍ୱାରା ଭାରଗ୍ରସ୍ତ ହୋଇ ଯାଆନ୍ତି ।

ମାତ୍ର ଧର୍ମଶାସ୍ତ୍ର ଏକ ଶକ୍ତିପୂର୍ଣ୍ଣ ସତ୍ୟକୁ ପ୍ରକାଶ କରିଛି : ୬ ଦିନର ସୃଷ୍ଟି କାର୍ଯ୍ୟ ପରେ, ଈଶ୍ୱର ସପ୍ତମ ଦିନରେ ବିଶ୍ରାମ କରିଥିଲେ (ଆଦି ୨:୨) । ଯଦି ବିଶ୍ୱର ସୃଷ୍ଟିକର୍ତ୍ତା ବିଶ୍ରାମ ନେବା ପାଇଁ ମନୋନୀତ କରିଥିଲେ, ତେବେ ଆମେ ଏହାକୁ କେତେ ଅଧିକ ଆବଶ୍ୟକ କରୁ ନ ଥିବା । ତଥାପି ଆମ ମଧ୍ୟରୁ ଅଧିକାଂଶ ଦିନରେ ଯଥେଷ୍ଟ ସମୟ ନ ଥାଏ ବୋଲି ଅନୁଭବ କରନ୍ତି । ଗୃହ, କାର୍ଯ୍ୟ, ଏପରିକି ସେବାକାର୍ଯ୍ୟରେ ସୁଦ୍ଧା ରହିଥିବା ଦାୟିତ୍ୱଗୁଡ଼ିକ ଅବିଶ୍ରାନ୍ତ ବୋଲି ମନେ ହୋଇପାରେ । ଲୋକମାନେ ଏହା କହିବାର ମୁଁ ପ୍ରାୟ ଶୁଣେ, ''ଈଶ୍ୱରଙ୍କ ପାଇଁ ବିଶ୍ରାମ ନେବା ସହଜ ଥିଲା - ସେ ଈଶ୍ୱର ଅଟନ୍ତି । ମୋର କାର୍ଯ୍ୟ ଆଦୌ ଶେଷ ହୁଏ ନାହିଁ ।'' ଏହି ମନୋଭାବ ବୋଧଗମ୍ୟ ହେଲେ ମଧ୍ୟ, ଆମକୁ ଏହା ମନେ ରଖିବାକୁ ହେବ । ଈଶ୍ୱର ବିଶ୍ରାମକୁ ଆମ ମାନବ ଜୀବନ ଶୈଳୀରେ ଏକ ଅଂଶ ବିଶେଷ କରି ନିର୍ମାଣ କରିଥିଲେ ।

ସମୟକ୍ରମେ, ଆମେ ତାଙ୍କର ପରିକଳ୍ପନାରୁ ଦୂରେଇ ଯାଇଛୁ । ଆଜି ଆମେ ନିଦ୍ରାକୁ ତ୍ୟାଗ କରିଛୁ, ଖାଦ୍ୟକୁ ଛାଡ଼ି ରଖିଛୁ ଓ ଜୀବନର ଦାବୀଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରିବା ଚେଷ୍ଟାରେ ବୁଦ୍ଧିହୀନ କୁକୁଡ଼ା ଭଳି ଦୌଡ଼ିବାରେ ଲାଗିଛୁ । ମାତ୍ର ଈଶ୍ୱରଙ୍କ ବାକ୍ୟ ଆମକୁ ତାଙ୍କ ଅନୁଗ୍ରହର ଡାକ ନିକଟକୁ ଫେରି ଆସିବା ପାଇଁ ଆହ୍ୱାନ କରୁଅଛି । ବିଶ୍ରାମ ଆଳସ୍ୟ ନୁହେଁ । ଏହା ବାଧ୍ୟତା ଅଟେ । ଏହା ଏପରି ଏକ ବିଶ୍ୱାସ କାର୍ଯ୍ୟ ଅଟେ ଯାହା କହେ, ''ପ୍ରଭୁ, ମୁଁ ଗତି ବନ୍ଦ କରିଥିବା ସମୟରେ ସୁଦ୍ଧା ତୁମେ ନିୟନ୍ତ୍ରଣ କରୁଥାଅ ବୋଲି ମୁଁ ବିଶ୍ୱାସ କରୁଅଛି ।''

ବାଇବଲ ଆମକୁ ବିଶ୍ରାମ ବିଷୟରେ କ'ଣ ଶିକ୍ଷା ଦେଉଛି ଓ ଆମେ ଏହାକୁ ଗ୍ରହଣ କରିବା ପାଇଁ କାହିଁକି ସଂଘର୍ଷ କରୁ, ଏହି ବିଷୟକୁ ଚିନ୍ତା କରିବା, ଆସନ୍ତୁ, ଆମେ




## ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତରେ ''ଆହ୍ୱାନର ପ୍ରତିଧ୍ୱନି''କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
**10, Mohammed Abdullah 2nd Street, Chepauk, Chennai-600 005, India**
**Cell: (+91) 98412 71858 / 98410 71858 E.mail: sam@echoofhiscall.org**

ଅଟକିବା ପାଇଁ, ନିଃଶ୍ୱାସ ନେବା ପାଇଁ ଓ ତାଙ୍କ ଉପସ୍ଥିତିରେ ନୂତନୀକୃତ ହେବା ପାଇଁ ଶିକ୍ଷା କରିବା – କାରଣ ତାଙ୍କଠାରେ ଆମେ ଆମ ପ୍ରାଣ ପାଇଁ ପ୍ରକୃତ ବିଶ୍ରାମ ପାଉ (ମାଥିଉ ୧୧:୨୮)।

## ବିଶ୍ରାମର ଶକ୍ତି

### ୧. ବିଶ୍ରାମ ଆମ ଜୀବନ ପାଇଁ ଈଶ୍ୱରଙ୍କର ଲୟ ଅଟେ।

"ପରମେଶ୍ୱର ସପ୍ତମ ଦିନରେ ଆପଣାର କାର୍ଯ୍ୟ ସମାପ୍ତ କରି ସେହି ସପ୍ତମ ଦିନରେ ଆପଣାର କୃତ ସମସ୍ତ କାର୍ଯ୍ୟରୁ ବିଶ୍ରାମ କଲେ। ପୁଣି ପରମେଶ୍ୱର ସପ୍ତମ ଦିନକୁ ଆଶୀର୍ବାଦ କରି ପବିତ୍ର କଲେ..." (ଆଦିପୁସ୍ତକ ୨:୨–୩)।

ଈଶ୍ୱର ସାବାଥ୍‌କୁ ଏକ ଦାନ ଭାବରେ ସୃଷ୍ଟି କରିଥିଲେ। ବିଶ୍ରାମ ଉପାସନାର ଏକ କାର୍ଯ୍ୟ – ତାଙ୍କର ନିକଟବର୍ତ୍ତୀ ହେବା ପାଇଁ, ତାଙ୍କ ବାକ୍ୟ ପଢ଼ିବା ପାଇଁ, ଧ୍ୟାନ, ପ୍ରାର୍ଥନା କରିବା ପାଇଁ ଓ ତାଙ୍କ ଉପସ୍ଥିତିକୁ ଉପଭୋଗ କରିବା ପାଇଁ ଏକ ପବିତ୍ର ସମୟ ଅଟେ। ଯେତେବେଳେ ଆମେ ତାଙ୍କଠାରେ ବିଶ୍ରାମ କରୁ, ସେତେବେଳେ ଆମେ ଶାରୀରିକ ଭାବେ, ମାନସିକ ଭାବେ, ଆବେଗିକ ଭାବେ ଓ ଆତ୍ମିକଭାବେ ନୂତନୀକୃତ ହେଉ।

ଯଦି ଆମେ ବିଶ୍ରାମକୁ ଅବହେଳା କରୁ, ତେବେ ଜୀର୍ଣ୍ଣଶୀର୍ଣ୍ଣ ହେବା ଅବଶ୍ୟମ୍ଭାବୀ ଅଟେ। ଈଶ୍ୱର କ୍ଳାନ୍ତ ହୋଇଥିବାରୁ ନୁହେଁ, ମାତ୍ର ଆମେ ଯେପରି ଏହାକୁ ଅନୁସରଣ କରିବୁ, ଏଥିପାଇଁ ଏକ ଲୟ ଓ ନମୁନା ଭାବରେ ଏହାକୁ ସ୍ଥାପନ କରିଥିଲେ। ବିଶ୍ରାମ ସ୍ୱେଚ୍ଛାଧୀନ ନୁହେଁ, ଏହା ଜୀବନ ପାଇଁ ଈଶ୍ୱରଙ୍କର ସ୍ୱର୍ଗୀୟ ଯୋଜନାର ଅଂଶ ବିଶେଷ ଅଟେ।

### ୨. ବିଶ୍ରାମ କେବଳ ପୁନଃ ସତେଜତା ନୁହେଁ, ମାତ୍ର ପ୍ରସ୍ତୁତି ମଧ୍ୟ ଅଟେ।

ବିଶ୍ରାମକୁ ଅବହେଳା କରାଗଲେ, ଏହା କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ବଦଳରେ କ୍ଳାନ୍ତିରୁ ରକ୍ଷା ପାଇବା ପାଇଁ ଏକ ନିଷ୍ଫଳ ପ୍ରଚେଷ୍ଟାରେ ପରିଣତ ହୁଏ। ଯୀଶୁ ଖ୍ରୀଷ୍ଟ ଏହି ନିୟମକୁ ସ୍ପଷ୍ଟଭାବରେ ବୁଝିଥିଲେ। ସେ ପ୍ରାୟତଃ, ସେବାକାର୍ଯ୍ୟର ବହୁଳ ଦାୟିତ୍ୱ ଦ୍ୱାରା ଭାରାକ୍ରାନ୍ତ ହେବା ପୂର୍ବରୁ ପ୍ରାର୍ଥନା କରିବା ନିମନ୍ତେ ନିର୍ଜ୍ଜନ ସ୍ଥାନଗୁଡ଼ିକୁ ଚାଲି ଯାଉଥିଲେ।

"ପାହାନ୍ତିଆ ସମୟରେ ଅନ୍ଧାର ଥାଉ ଥାଉ ସେ ଉଠି ବାହାରିଗଲେ ଓ ଗୋଟିଏ ନିର୍ଜ୍ଜନ ସ୍ଥାନକୁ ଯାଇ ସେଠାରେ ପ୍ରାର୍ଥନା କରିବାକୁ ଲାଗିଲେ" (ମାର୍କ ୧:୩୫)।

"ମାତ୍ର ସେ ନିର୍ଜ୍ଜନ ସ୍ଥାନମାନଙ୍କରେ ରହି ପ୍ରାର୍ଥନା କରୁଥିଲେ" (ଲୂକ ୫:୧୬)।

ପିତାଙ୍କ ସହିତ ଯୀଶୁ ଖ୍ରୀଷ୍ଟଙ୍କର ସମୟ ଉଦ୍ଦେଶ୍ୟ ମୂଳକ ଓ କ୍ରିୟାଶୀଳ ଥିଲା। ସେ ଏହା ଜାଣିଥିଲେ ଯେ ଆତ୍ମିକ ଶକ୍ତି ଈଶ୍ୱରଙ୍କ ସହିତ ନିୟମିତ ଯୋଗାଯୋଗରୁ ନିର୍ଗତ ହୁଏ।

## ଜୀର୍ଣ୍ଣଶୀର୍ଣ୍ଣ ହେବା – ବିଶ୍ରାମକୁ ଅବହେଳା କରିବାର ମୂଲ୍ୟ

ବିଶ୍ରାମର ଅଭାବ ଶୀର୍ଣ୍ଣତା ଦିଗକୁ କଢ଼ାଇ ନିଏ – ଏହା ଆଜି ଆମ ମଧ୍ୟରୁ ଅନେକଙ୍କର ଏକ ସଂଘର୍ଷ ଅଟେ। ଯେତେବେଳେ ଆମେ ଈଶ୍ୱରଙ୍କର ବିଶ୍ରାମର ତାଳ (ଲୟ)କୁ ଅବଜ୍ଞା କରୁ, ସେତେବେଳେ ଆମେ ଶାରୀରିକ, ମାନସିକ ଓ ଆତ୍ମିକ ଭାବରେ ଶୁଷ୍କ ହୋଇଯାଉ। ପୁଣି ଆମେ କ୍ଷୀଣ ହେବା ସମୟରେ, ଈଶ୍ୱରଙ୍କ ରାଜ୍ୟରେ ସଫଳ ଭାବରେ କାର୍ଯ୍ୟ କରିପାରୁ ନାହୁଁ।

ବିଶ୍ରାମ ସ୍ୱାର୍ଥପରତା ନୁହେଁ, ଏହା ଆମ ନିକଟରେ ଈଶ୍ୱରଙ୍କ ଦ୍ୱାରା ନ୍ୟସ୍ତ ଆମ ଜୀବନର ତତ୍ତ୍ୱାବଧାନ ଓ "ଆହ୍ୱାନ" ଅଟେ। କ୍ଷୀଣତା ରାତାରାତି ଘଟେ ନାହିଁ – ଏହା ଯେତେବେଳେ ଧୀରେ ଧୀରେ ପ୍ରବେଶ କରେ, ଯେତେବେଳେ ଆମେ ଆମ ଜୀବନକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଥମିକତାଗୁଡ଼ିକୁ, ପରିଚୟକୁ ଓ ସମାଜକୁ ଭୁଲ୍ ସ୍ଥାନରେ ରଖୁ। ଆସନ୍ତୁ, ଆମେ ଏହି କ୍ଷେତ୍ରଗୁଡ଼ିକୁ ପରୀକ୍ଷା କରିବା ଓ ଈଶ୍ୱର କିପରି ନୂତନୀକରଣ ନିମନ୍ତେ ତାଙ୍କର ଯୋଜନା ନିକଟକୁ ଫେରିଯିବା ପାଇଁ ଆମକୁ ପ୍ରେମରେ ଆହ୍ୱାନ କରୁଛନ୍ତି, ତାହା ଦେଖିବା।

### ୧. ପ୍ରାଥମିକତାଗୁଡ଼ିକୁ ଭୁଲ୍ ସ୍ଥାନରେ ରଖିବା

କ୍ଷୀଣତା, ପ୍ରାୟତଃ ଯେତେବେଳେ ଆରମ୍ଭ ହୁଏ, ଯେତେବେଳେ ଆମେ ଆମ ନିୟନ୍ତ୍ରଣର ବାହାରେ କାର୍ଯ୍ୟ ଭାର ଗ୍ରହଣ କରୁ। ଆମେ ପ୍ରତ୍ୟେକ ବିଷୟକୁ "ହଁ" ବୋଲି କହୁ, କାରଣ ପ୍ରତ୍ୟେକଟି ବିଷୟ ଗୁରୁତ୍ୱପୂର୍ଣ୍ଣ ମନେହୁଏ। କିନ୍ତୁ, ଜ୍ଞାନ ପ୍ରାଥମିକ ବିଷୟଗୁଡ଼ିକୁ ମନୋନୟନ କରିବାକୁ ଆମକୁ ଶିକ୍ଷା ଦିଏ। "ନା" ବୋଲି କହିବା ଶିକ୍ଷା କରିବା ସ୍ୱାର୍ଥପରତା ନୁହେଁ – ଏହା ଆବଶ୍ୟକ ଅଟେ।

ଏପରିକି ଯୀଶୁ ଖ୍ରୀଷ୍ଟ ମଧ୍ୟ ଭାରସାମ୍ୟର ଆବଶ୍ୟକତାକୁ ଚିହ୍ନିଥିଲେ :

"ସେଥିରେ ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ଅନ୍ତର ହୋଇ ଗୋଟିଏ ନିର୍ଜ୍ଜନ ସ୍ଥାନକୁ ଯାଇ କିଛି ସମୟ ବିଶ୍ରାମ କର। କାରଣ ଅନେକ ଲୋକ ଯିବା ଆସିବା କରୁଥିବାରୁ ସେମାନଙ୍କର ଭୋଜନ କରିବାକୁ ସୁଦ୍ଧା ସୁଯୋଗ ନ ଥିଲା" (ମାର୍କ ୬:୩୧)।

ଲୂକ ୧୦ରେ ଆମେ ଦେଖୁ ଯେ ଯୀଶୁ ଖ୍ରୀଷ୍ଟ ମାର୍ଥା ଓ ମରିୟମଙ୍କ ଗୃହକୁ ଯାଇଥିବା ସମୟରେ, ମାର୍ଥା ଯୀଶୁଙ୍କୁ ତାଙ୍କ ଶିଷ୍ୟମାନଙ୍କ ସହିତ ସାଦରେ ସ୍ୱାଗତ ଜଣାଇଥିଲେ ଓ ନିଜ ଅତିଥିମାନଙ୍କର ଯତ୍ନ ନେବାରେ ଅତି ବ୍ୟସ୍ତ ହୋଇଗଲେ। ଆମ ମଣ୍ଡଳୀରେ ଥିବା ଅତିଥି ସତ୍କାରର ଦଳ ସଦୃଶ, ଯେଉଁମାନେ ବିଶ୍ୱସ୍ତ ଭାବରେ ସେବା କରନ୍ତି, ସେମାନଙ୍କ ନିମନ୍ତେ ଆମେ ଈଶ୍ୱରଙ୍କୁ ଧନ୍ୟବାଦ ଦେଉ। ମାତ୍ର ଯେତେବେଳେ ମାର୍ଥା ଭାରଗ୍ରସ୍ତ ଓ ଅନ୍ୟମନସ୍କ ହୋଇ ଯାଇଥିଲେ, ସେତେବେଳେ ମରିୟମ ଯୀଶୁଙ୍କ ପାଦ ପାଖରେ ବସି ତାଙ୍କ କଥା ଶୁଣିବା ମନୋନୀତ କରିଥିଲେ।

ମାର୍ଥା "ହଁ" କହିଥିଲେ, ମାତ୍ର ବର୍ତ୍ତମାନ ସେ ନିଜ ପ୍ରତିବଦ୍ଧତାର ଭାର ତଳେ ସଂଘର୍ଷ କରୁଥିଲେ। ଆମ ମଧ୍ୟରୁ କେତେ ଜଣ ଏହା ସହିତ ସଂପୃକ୍ତ ହୋଇପାରନ୍ତି ? ଆମେ ଉତ୍ତମ ଉଦ୍ଦେଶ୍ୟ ସହିତ "ହଁ" କହୁ, ମାତ୍ର ଏହାପରେ ଚାପଗ୍ରସ୍ତ ଓ କ୍ଳାନ୍ତ ଅନୁଭବ କରୁ।

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

**Statement about ownership and other particulars about the Newspaper Echo of His Call (Odia) - Form IV**
**(See Rule 8)**

1. Place of Publication : **New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai - 600 005.**
2. Periodicity : **Monthly**
3. Printer, Editor, Owner & Publisher : **S. Sam Selva Raj** (Same Address)
4. Nationality : **Indian**

I, **S. Sam Selva Raj** hereby declare that the particulars given above are true to the best of my knowledge and belief.

**March 2026** **S. Sam Selva Raj.**

GREAT COMMISSION PARTNERS
ECHO OF HIS CALL MINISTRIES SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ପ୍ରୋତ୍ସାହିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୬ ମାର୍ଚ୍ଚ ୧୯ ରୁ ଏପ୍ରିଲ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ମାର୍ଚ୍ଚ ୧୯ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକ ଉପରେ ଈଶ୍ୱର ଆଶୀର୍ବାଦ କରିଥିବାରୁ ।

ମାର୍ଚ୍ଚ ୨୦ ⇨ ଜାନୁୟାରୀ ୨୪ରେ ମହାବଳିପୁରମ୍‌ଠାରେ ଆମର ନିସ୍ସିମିୟା ବାଇବଲ କଲେଜର ଛାତ୍ରମାନଙ୍କ ପାଇଁ ଅନୁଷ୍ଠିତ ହୋଇଥିବା ବିଶେଷ ସଭା ଉପରେ ତାଙ୍କର ଅନୁଗ୍ରହପୂର୍ଣ୍ଣ ଆଶୀର୍ବାଦ ନିମନ୍ତେ ।

ମାର୍ଚ୍ଚ ୨୧ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ତାଙ୍କର ନିରନ୍ତର ଆଶୀର୍ବାଦ ନିମନ୍ତେ ।

ମାର୍ଚ୍ଚ ୨୨ ⇨ ଆମର "ଗ୍ଲୋବାଲ୍ ଭିଜନ୍ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର ମିନିଷ୍ଟ୍ରି" ଉପରେ ତାଙ୍କର ନିରବଚ୍ଛିନ୍ନ ଦୟା ନିମନ୍ତେ ।

ମାର୍ଚ୍ଚ ୨୩ ⇨ ବିଶେଷ ଭାବରେ, ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲକୁ ସମର୍ପିତ ଖ୍ରୀଷ୍ଟିଆନ ଶିକ୍ଷକବୃନ୍ଦ ଓ ଜଣେ ସମର୍ପିତ ଅଧ୍ୟକ୍ଷଙ୍କୁ ଯୋଗାଇ ଦେଇଥିବାରୁ ।

ମାର୍ଚ୍ଚ ୨୪ ⇨ ଆମର ମିଶନ କର୍ମଚାରୀମାନଙ୍କର ସ୍ଥିର ସମର୍ପଣ ନିମନ୍ତେ ।

ମାର୍ଚ୍ଚ ୨୫ ⇨ ଆମର ସମସ୍ତ ଭାଷା ସଂଯୋଜକ ଓ ସେମାନଙ୍କ ପରିବାର ଉପରେ ଈଶ୍ୱରଙ୍କର ଆଶୀର୍ବାଦ ରହିଥିବାରୁ ।

ମାର୍ଚ୍ଚ ୨୬ ⇨ ବିଭିନ୍ନ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରଚାର ପ୍ରତି ଆମର ବରିଷ୍ଠ ପାଳକଙ୍କର ବିଶ୍ୱସ୍ତ ସମର୍ପଣ ନିମନ୍ତେ ।

ମାର୍ଚ୍ଚ ୨୭ ⇨ ଈଶ୍ୱର ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦଶକ୍ତିରୁ ସୁରକ୍ଷା ଦେଇଥିବାରୁ ।

ମାର୍ଚ୍ଚ ୨୮ ⇨ ଆମର ବାଇବଲ ବୋର୍ଡ (ବାଇବଲ କରେସପଣ୍ଡେନ୍ସ ବୋର୍ଡ) ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେନ୍ସ ବୋର୍ଡ ଉପରେ ତାଙ୍କର ଆଶୀର୍ବାଦ ନିମନ୍ତେ ।

ମାର୍ଚ୍ଚ ୨୯ ⇨ ରାଜନୈତିକ ଓ ଧର୍ମୀୟ ବିରୋଧ ମଧ୍ୟରେ ଆମର ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ବୃଦ୍ଧିପ୍ରାପ୍ତ ଓ ଶକ୍ତିଯୁକ୍ତ ହେଉଥିବାରୁ ।

ମାର୍ଚ୍ଚ ୩୦ ⇨ ୧୯୬୯ରୁ ବିଶ୍ୱସ୍ତ ଭାବରେ ଧରି ରଖିଥିବା ଆମର ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ଦୀର୍ଘ ସ୍ଥାୟୀ ସମର୍ପଣ ଉପରେ ଜୟ ଦେଖାଇଥିବାରୁ ।

ମାର୍ଚ୍ଚ ୩୧ ⇨ ଆମ ମଣ୍ଡଳୀ ମଧ୍ୟରେ ଅଭିଷିକ୍ତ ହୋଇଥିବା ନୂତନ ବିଶ୍ୱାସୀ ମାନେ ଯେପରି ବିଶ୍ୱାସ ଓ ଜ୍ଞାନରେ ବୃଦ୍ଧି ପାଇ ଚାଲିବେ, ସେଥିପାଇଁ ସେମାନଙ୍କ ଉପରେ ଥିବା ଈଶ୍ୱରଙ୍କ ଦୟା ନିମନ୍ତେ ।

ଏପ୍ରିଲ ୧ ⇨ ଈଶ୍ୱର ଗତ ମାସ ଆମର ସମସ୍ତ ଆବଶ୍ୟକତା ପୂରଣ କରିଥିବାରୁ ।

ଏପ୍ରିଲ ୨ ⇨ ଆମର ନିସ୍ସିମିୟା ବାଇବଲ କଲେଜ ଉପରେ ତାଙ୍କର ଆଶୀର୍ବାଦ ନିମନ୍ତେ ।

ଏପ୍ରିଲ ୩ ⇨ ଜାନୁୟାରୀ ୨୬ରେ ଆମର ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକର ସଦସ୍ୟମାନଙ୍କ ପାଇଁ ମହାବଳିପୁରମଠାରେ ଅନୁଷ୍ଠିତ ହୋଇଥିବା "ଯୋଶୁଆ ଓ୍ୱାରିୟର" ପୁରୁଷମାନଙ୍କର ସଭା ଉପରେ ଆଶୀର୍ବାଦ କରିଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଏପ୍ରିଲ ୪ ⇨ ବିଶେଷ ଭାବରେ ବୈଶ୍ୱିକ ଅଶାନ୍ତି ଓ ଯୁଦ୍ଧର ଭୟ ମଧ୍ୟରେ ସମସ୍ତ ଦେଶ ଉପରେ ଯେପରି ସ୍ୱର୍ଗୀୟ ସୁରକ୍ଷା, ଶାନ୍ତି ଓ ସୁରକ୍ଷା ରହିବ ।

ଏପ୍ରିଲ ୫ ⇨ ଯଥା ସମ୍ଭବ ମାର୍ଗରେ ଓ ଉପାୟରେ ସମସ୍ତଙ୍କର ଆଶୀର୍ବାଦ ଓ ମଙ୍ଗଳ ନିମନ୍ତେ ଯେପରି ଆମର ସେବାକାର୍ଯ୍ୟ ବୃଦ୍ଧି ପାଇବ ।

ଏପ୍ରିଲ ୬ ⇨ ଈଶ୍ୱର ଯେପରି ପୃଥିବୀରେ ତାଙ୍କ ରାଜ୍ୟ ନିର୍ମାଣ ପାଇଁ ଆମକୁ ଅଧିକରୁ ଅଧିକ ବର୍ଦ୍ଧିତ ପ୍ରଦାନ କରିବେ ।

ଏପ୍ରିଲ ୭ ⇨ ସମସ୍ତ ପୃଥିବୀର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସମସ୍ତ ସରକାରୀ ଅଧିକାରୀ ଦେଶଗୁଡ଼ିକର ନେତୃତ୍ୱ ନେବା ପାଇଁ ଜ୍ଞାନ ଓ ସ୍ୱର୍ଗୀୟ ଭାବନା ପାଇବେ ।

ଏପ୍ରିଲ ୮ ⇨ ଆମର ଯେଉଁ ସହାୟତା ପ୍ରଦାନକାରୀ, ଶୁଭେଚ୍ଛୁ ଓ ବନ୍ଧୁମାନେ ସେମାନଙ୍କ ପ୍ରାର୍ଥନା ଓ ଅର୍ଥ ଦାନ ଦ୍ୱାରା ଆମର ସେବାକାର୍ଯ୍ୟକୁ ଧରି ରଖିଛନ୍ତି, ସେମାନଙ୍କୁ ଆଶୀର୍ବାଦ ଓ ଶକ୍ତି ଯୋଗାଇବା ନିମନ୍ତେ ।

ଏପ୍ରିଲ ୯ ⇨ ସମସ୍ତ ଲୋକଙ୍କୁ ପ୍ରଭାବିତ କରିବା ଜ୍ୱର ଓ ନୂତନଭାବେ ଦେଖା ଦେଉଥିବା ସଂକ୍ରମିତ ରୋଗରୁ ସମସ୍ତ ଲୋକଙ୍କ ସୁରକ୍ଷା ନିମନ୍ତେ ।

ଏପ୍ରିଲ ୧୦ ⇨ ୨୦୨୬-୨୦୨୭ ଶିକ୍ଷା ବର୍ଷ ପାଇଁ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲରେ ନୂତନ ଛାତ୍ରମାନଙ୍କର ସଫଳ ଆଡ୍‌ମିଶନ ନିମନ୍ତେ ।

ଏପ୍ରିଲ ୧୧ ⇨ ସମସ୍ତ ପୃଥିବୀର ଯୁବା ଓ ପିଲାମାନେ ଯେପରି ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବେ ।

ଏପ୍ରିଲ ୧୨ ⇨ ପ୍ରତ୍ୟେକ ଦେଶରେ ଯେପରି ପ୍ରତ୍ୟେକ ବିଷୟରେ ଓ ଯୋଜନାର ପ୍ରତ୍ୟେକ କ୍ଷେତ୍ରରେ ଏକତା, ଉନ୍ନତି ଓ ଶାନ୍ତି ପ୍ରତିଷ୍ଠିତ ହେବ ।

ଏପ୍ରିଲ ୧୩ ⇨ ଆମର ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ, ଅନୁଗ୍ରହ ସାଥୀ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ଈଶ୍ୱରଙ୍କ ଦୟା ନିମନ୍ତେ ।

ଏପ୍ରିଲ ୧୪ ⇨ ଆମର ବରିଷ୍ଠ ପାଳକ, ଆଚାର୍ଯ୍ୟ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାର ଯେପରି ସମସ୍ତ ପ୍ରକାର ମନ୍ଦଶକ୍ତିରୁ ନିରାପତ୍ତା ଓ ସୁରକ୍ଷା ପାଇବେ ।

ଏପ୍ରିଲ ୧୫ ⇨ ୨୦୨୬-୨୦୨୭ ଶିକ୍ଷା ବର୍ଷ ପାଇଁ ଆମର ଆବାସିକ ଓ ସାନ୍ଧ୍ୟ ନିସ୍ସିମିୟା ବାଇବଲ କଲେଜରେ ଯୋଗ୍ୟ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।

ଏପ୍ରିଲ ୧୬ ⇨ ଆମ ସେବାକାର୍ଯ୍ୟର ସମସ୍ତ ଅର୍ଥ ଆବଶ୍ୟକତା ଯେପରି ପୂରଣ ହେବ ।

ଏପ୍ରିଲ ୧୭ ⇨ ବିଶ୍ୱର ଅର୍ଥନୈତିକ ସଙ୍କଟ ଯେପରି ଦୂର ହେବ ଓ ଏଥିଯୋଗୁଁ କଷ୍ଟ ପାଉଥିବା ଲୋକମାନେ ଯେପରି ଆଶ୍ୱସ୍ତ ହେବେ ।

ଏପ୍ରିଲ ୧୮ ⇨ ଈଶ୍ୱରଙ୍କ ଅନୁଗ୍ରହ ଯେପରି ପୁଣି ଥରେ ଲୋକମାନଙ୍କୁ ସାନ୍ତ୍ୱନା ଓ ନୂତନ ଶକ୍ତି ଦେବ ।

## ଖ୍ରୀଷ୍ଟିଆନ ନ ଥିଲେ – ଜଗତ ନ ଥାଆନ୍ତା ।

ଆବିଷ୍କାରକଗଣ

| | | |
|---|---|---|
| ବାଇ ସାଇକଲ | – | ମ୍ୟାକ୍ ମିଲନ୍ |
| ବାଇକ୍ | – | କେ.ଡ଼େଲର୍ |
| ଅଟୋ | – | ଯୋନାଥନ୍ ଷ୍ଟୋବି |
| କାର୍ | – | କାର୍ଲ ବେଞ୍ଜ |
| ମୋଟର କାର୍ | – | ଅଷ୍ଟିନ |
| ଜୀପ୍ | – | ଡବ୍ଲ୍ୟୁ.ଏଲ୍.କେଡ଼ସନ୍ |
| ବସ୍ | – | ଗୋଲ୍ଡ଼ ଜାସ୍ |
| ଉଡ଼ାଜାହାଜ | – | ରାଇଟ୍ ବ୍ରଦର୍ସ |
| ରେଳ | – | ରିଚାର୍ଡ ଟ୍ରିଭିଟିକ୍ |
| ଟ୍ରାକ୍ଟର | – | ଜନ୍ ଫ୍ରଲିଚ୍ |
| ଜେସିବି | – | ଯୋଷେଫ ସି. ବାମ୍ଫୋର୍ଡ |
| ବ୍ୟାଟେରୀ | – | ଏ. ୱେଲ୍ଟ |
| ଇଲେକ୍ଟ୍ରିକ୍ (ବିଦ୍ୟୁତ) | – | ବେଞ୍ଜାମିନ୍ ଫ୍ରାଙ୍କଲିନ୍ |
| ବଲ୍ବ | – | ଥୋମାସ ଏ.ଏଡିସନ୍ |
| ଡ଼ାଇନାମୋ | – | ଏମ୍.ଫାରାଡ଼େ |
| ଗ୍ୟାସ୍ ଇଞ୍ଜିନ | – | ଡେମିୟର୍ |
| ଡିଜେଲ୍ ଇଞ୍ଜିନ | – | ଆର୍. ଡିଜେଲ୍ |
| ୱେଲଡ଼ର | – | ଏଟିସ୍ ଥମ୍ପସନ୍ |
| ରେଳଇଞ୍ଜିନ୍ | – | ଷ୍ଟିଫେନ୍ସନ୍ |
| ଏଲ.ପି.ଜି. ଗ୍ୟାସ | – | ଡ଼.ୱାଲଟର୍ ଡ଼ିଏସ୍ |
| ମାଇକ୍ | – | ହୋର୍ସ ସର୍ଟ |
| ପେନ୍ | – | ଲୁଇସ ୱାଟର ମ୍ୟାନ୍ |
| ଆଇରନ୍ ବକ୍ସ | – | ଏଚ୍.ଡବ୍ଲ୍ୟୁ ସ୍ମଲ୍ |
| ଦିଆସିଲ୍ | – | ଜନ୍ ୱାକର୍ |
| କ୍ୟାମେରା | – | ଜନ୍ କାରବେଟ୍ |
| ଡିଜିଟାଲ୍ କ୍ୟାମେରା | – | ଷ୍ଟିଭାନ୍ |
| ରେଜର୍ | – | କିଙ୍ଗସ କେ. ଜିଲେଟ |
| ରବର | – | ସି. ଗୁଡ୍ ଇୟର୍ |
| ରେଫ୍ରିଜେରେଟର୍ | – | ଜେମ୍ସ ହ୍ୟାରିସନ୍, ଆଲେକ୍ ଜାଣ୍ଡର କିଟ୍ସିନ୍ |
| ସେଫ୍ଟି ପିନ୍ | – | ୱାଲଟର ହଣ୍ଟ |
| ସିଲେଇ ମେସିନ୍ | – | ବାର୍ଥୋଲୋମ୍ ଟିମୋନିଭ୍ |
| ଲେନ୍ସ | – | ଭେନିସ୍ (ଭିନ୍ସୀ) |
| ଚଷମା | – | ସାଲ୍ଭିନୋ ଡି.ଏ |
| ଟି.ଭି. | – | ବେୟର୍ଡ଼. ଜନ୍ ଲୋଗି |
| ଫୋନ୍ | – | ଗ୍ରାହାମ୍ ବେଲ୍. ଏ |
| କମ୍ପ୍ୟୁଟର | – | ଚାର୍ଲସ ବାବେଜ୍ |
| ମୋବାଇଲ୍ | – | ମାର୍ଟିନ କୁପର |
| ଏସ୍.ଡ଼ି.କାର୍ଡ଼ | – | ରୋଲାଣ୍ଡ ମାରେନୋ |
| ପେଣ୍ଟସ୍ (ରଙ୍ଗ) | – | ଶାଲିମାର୍ |
| ଷ୍ଟିଲ୍ | – | ହେନ୍ରୀ ବେସ୍ମାର୍ |
| ସିମେଣ୍ଟ | – | ଯୋଷେଫ ଆସ୍ପାଡ଼ିନ୍ |
| ଟାଇଲ୍ସ୍ | – | ଜର୍ମାନ ମିଶନେରୀମାନେ |
| ଶୀତାଳୟ | – | ଥୋମାସ୍ କ୍ରେପର୍ |
| ପ୍ୟାଣ୍ଟ | – | ଜର୍ଜ ବ୍ରାୟନ୍ |
| ସାର୍ଟ | – | ବେଣ୍ଡୋନ୍ସ |
| ଜିନ୍ ପ୍ୟାଣ୍ଟ | – | ଯାକୋବ୍ ଡେଭିସ୍ |
| ବ୍ରା | – | ମେରୀ ଟୁକୋକ୍ |
| କ୍ରିକେଟ୍ | – | ଡବ୍ଲ୍ୟୁ.ଜେ.ଗ୍ରେସ୍ |
| ଭଲିବଲ୍ | – | ମୋର୍ଗାନ୍ ୱିଲସନ୍ |
| ଫୁଟବଲ୍ | – | ରବର୍ଟ କେନ୍ |
| ପେନ୍ସିଲିନ୍ | – | ଏ.ଫ୍ଲେମିଙ୍ଗ୍ |
| ପ୍ଲାଷ୍ଟିକ୍ ସର୍ଜରୀ | – | ଆର୍ଟି ବାଲ୍ଡ୍.ହେକ୍ଟର.ଏମ୍ |
| ପୋଲିଓ | – | ଯୋନାସ୍ ସଲ୍କ |
| ବସନ୍ତ | – | ଏଡ଼ୱାର୍ଡ଼ ଜେନର୍ |
| ଏକ୍ସ–ରେ | – | ୱିଲ୍ହେମ୍ ରଞ୍ଜନ୍ |
| ଇନ୍ସୁଲିନ୍ | – | ଫ୍ରେଡେରିକ୍ ବାଣ୍ଟିଂ, ଚାର୍ଲସ.ଏଚ୍.ବେଷ୍ଟ |
| କୁଇନାଇନ୍ | – | ପିଏରା ଯୋଷେଫ |
| ଷ୍ଟେଣ୍ଟ ହାର୍ଟ | – | ଜୁଲିଓ ପାମେଜ୍ |
| ପ୍ଲାଷ୍ଟର | – | ପଲ୍ ବିଏର୍ସଡର୍ଫ |
| ଆନେସ୍ଥେଟିକ୍ | – | ଉଇଲିୟମ ମାର୍ଟନ୍ |
| ଆଞ୍ଜିଓଗ୍ରାମ୍ | – | ଲୁଇସ ପାଶ୍ଚର୍ |
| ଆଣ୍ଟିସେପ୍ଟିକ୍ | – | ଯୋଷେଫ ଲିଷ୍ଟର |
| କୃତ୍ରିମ ହୃଦୟ | – | ଡେଣ୍ଟନ୍ କୁଲୀ |
| କୃତ୍ରିମ ନିତମ୍ବ | – | ଜନ୍ କାର୍ଣ୍ଣଲୀ |
| ଚର୍ମ | – | ଜନ୍.ଏଫ୍.ଲୋନିସ୍ |
| ଗର୍ଭରୋଧକ ବଟିକା | – | ଗ୍ରିଗୋରୀ ପିନ୍କସ୍, ମିନ୍ ଚଙ୍ଗ୍ |
| ରକ୍ତ ଦାନ ପ୍ରକ୍ରିୟା | – | ଥୋମାସ୍ ବ୍ଲୁଣ୍ଡେଲ୍ |
| କଣ୍ଟାକ୍ଟ ଲେନ୍ସ | – | ଆଡଲ୍ଫ ଫିକ୍ |
| କାଶ ଔଷଧ | – | ଜେମ୍ସ ସ୍ମିଥ୍ |
| ସିରିଞ୍ଜ | – | କଲିନ୍ ମର୍ଡ଼କ୍ |

ଯେଉଁ ସଂପ୍ରଦାୟଗୁଡ଼ିକ କହୁଛନ୍ତି ଯେ ଖ୍ରୀଷ୍ଟଧର୍ମ ଜଗତ ପାଇଁ କିଛି କରି ନାହିଁ, ସେମାନଙ୍କ କଥାର ଉତ୍ତର ଦେବା ପାଇଁ ଏହି ଲେଖାଟିକୁ ଅନ୍ତର୍ଭୁକ୍ତ କରାଯାଇଛି । କିଏ କରିଛି ଓ କିଏ କରି ନାହିଁ – ଏହା ସମସ୍ତେ ବୁଝିବା ଉଚିତ୍ ।

ଜଣେ ବ୍ୟକ୍ତିଠାରେ ଓ ଜଗତରେ ଖ୍ରୀଷ୍ଟଙ୍କ ଶକ୍ତି ଦେଖିବା ପାଇଁ ଚକ୍ଷୁଗୁଡ଼ିକ ଉନ୍ମୁକ୍ତ ହେଉ ।

*************

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
ECHO OF HIS CALL
ଥିଓଲୋଜିରେ ଡିପ୍ଲୋମା & Bachelor of Theology
Chepauk & Santhoshapuram, Velachery Chennai.
ମାଧ୍ୟମ - ହିନ୍ଦୀ (Residential) Sponsorship Available
ମାଧ୍ୟମ - ତାମିଲ (Part Time)
ଆବେଦନ ପାଇଁ ଶୀଘ୍ର ଆସନ୍ତୁ ! ଯୋଗାଯୋଗ
ଯୋଗ୍ୟତା : ୧୦ମ ଓ ଉର୍ଦ୍ଧ୍ୱ
ବିଗତ ୫୬ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
* ONLINE CLASSES ARE AVAILABLE *

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୩. ବାଇବଲ କୋର – ମୌଳିକ ବାଇବଲ ପାଠ୍ୟକ୍ରମ (ଇଂରାଜୀ, ତାମିଲ, ହିନ୍ଦୀ ) ।
୪. ଥିଓଲୋଜିକାଲ କରେସପଣ୍ଡେନ୍ସ ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୫. ନିହିମିୟା ବାଇବଲ ମହାବିଦ୍ୟାଳୟ (ଚେପକ୍, ସତୋଷପୁରମ ଓ ଭେଲାଚେରୀ) ।
୬. ଶାଖା ମଣ୍ଡଳୀ ସମୂହ : ସତୋଷପୁରମ, ବାଲାଜୀନଗର ଓ ଭେଲାଚେରୀ ।
୭. ମହାଆବେଶ ସାଥୀଗଣ (ପାଳକମାନେ) ।
୮. ତାଲିମ କାର୍ଯ୍ୟକ୍ରମ, ଅଧିବେଶନ ଓ ସଭା ।
୯. ସୁସମାଚାର ଅଭିଯାନ ।
୧୦. ସାହିତ୍ୟ ସେବା ଓ ବଣ୍ଟନ ।
୧୧. ସୁସମାଚାର ଛାପା କଳ – ପ୍ରକାଶନ ।
୧୨. ସେଣ୍ଟପଲସ୍ ମାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୩. ରବିସ୍କୁଲ (ଚେପକ) – ରବିବାର ସକାଳ ଘ. ୧୦.୩୦ ଓ (ଭେଲାଚେରୀ, ବାଲାଜୀନଗର ଓ ସତୋଷପୁରମ) ରବିବାର ଅପରାହ୍ନ ୩.୦୦ ଘଟିକା ।
୧୪. ପ୍ରାତଃ ଉପାସନା – ରବିବାର ସକାଳ ୫.୩୦ ।
୧୫. ପ୍ରାଥମିକ ସଭା – ରବିବାର ସକାଳ ଘ. ୮.୦୦ ।
୧୬. ତାମିଲ ଉପାସନା – ରବିବାର ସକାଳ ଘ. ୮.୩୦ ।
୧୭. ଯୁବ ସଭା – ରବିବାର ପୂର୍ବାହ୍ନ ଘ. ୧୧.୦୦ ।
୧୮. ସହଭାଗିତା ମଧ୍ୟାହ୍ନ ଭୋଜନ – ରବିବାର ଅପରାହ୍ନ ଘ. ୧.୦୦ ।
୧୯. ତେଲୁଗୁ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୨୦. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୨୧. ତାମିଲ ଓ ଇଂରାଜୀ ଉପାସନା – ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୨୨. ଉଦ୍ଧାର ପ୍ରଦାନର ସମୟ – ରବିବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୩. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୪. ହିନ୍ଦୀ ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ. ୭.୦୦ ଘଟିକା ।
୨୫. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୬. ଶିଶୁଙ୍କ ସଭା – ରବିବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୭. ଗୃହ ସଭା – ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୮. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ରବିବାର ସକାଳ ୬.୦୦ ଘଟିକା ।
୨୯. ସେବକମାନଙ୍କର ସଭା – ପ୍ରଥମ ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୩୦. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୩୧. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ରୀ) ।
୩୨. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୩୩. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୪. ଯୁବା / ପିଲାମାନଙ୍କ ପାଇଁ ପ୍ରାର୍ଥନା – ପ୍ରତିଦିନ ରାତ୍ରି ୧୦ ଘଟିକା (ଫୋନ ମାଧ୍ୟମରେ) ।
୩୫. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୬. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ରି ୯.୦୦ (ରବିବାର ବ୍ୟତୀତ) ।

## ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ ପାଠ୍ୟକ୍ରମ
### କେବଳ ଭାରତର ଛାତ୍ରମାନଙ୍କ ନିମନ୍ତେ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ୍ ପଣ୍ଡେନ୍ସ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେନ୍ସ ପାଠ୍ୟକ୍ରମ ସ୍ନାତକସ୍ତରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉଚ୍ଚତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ

*For more details, write to us.*

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.

**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ "ଆହ୍ୱାନର ପ୍ରତିଧ୍ୱନି" ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲଭା ରାଜଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଈଶ୍ୱରଙ୍କ ଅନୁଗ୍ରହ ତାହାଙ୍କଠାରେ ବିଶ୍ୱାସ କରୁଥିବା ଲୋକମାନଙ୍କୁ ପରିବେଷ୍ଟିତ କରିବ ।

"... ଯେଉଁ ଜନ ସଦାପ୍ରଭୁଙ୍କଠାରେ ନିର୍ଭର ରଖେ, ତାହାର ଚତୁର୍ଦ୍ଦିଗରେ ଦୟା ବେଷ୍ଟନ କରିବ" (ଗୀତସଂହିତା ୩୨:୧୦) ।

ମୋର ବାଲ୍ୟକାଳଠାରୁ ଏ ପର୍ଯ୍ୟନ୍ତ, ମୁଁ ଯେଉଁ ଉଭୟ ଭଲ ଓ ମନ୍ଦର ବିଭିନ୍ନ ପ୍ରକାର ଅନୁଭୂତିର ସମ୍ମୁଖୀନ ହୋଇଥିଲି, ସେଗୁଡ଼ିକ ବାରମ୍ବାର ମୋତେ ଏହା ସ୍ମରଣ କରାଇ ଦେଉଥିଲା ଯେ ସର୍ବଶକ୍ତିମାନ ସଦାପ୍ରଭୁ ମୋ' ସହିତ ଅଛନ୍ତି ଓ ମୋ' ଜୀବନରେ କିଛି ମହତ୍ କାର୍ଯ୍ୟ ସଫଳ କରିବା ପାଇଁ ମୋତେ ପ୍ରସ୍ତୁତ କରୁଛନ୍ତି ।

ମୁଁ ଈଶ୍ୱରଙ୍କ ନିମନ୍ତେ ଯେଉଁ ସୁସମାଚାର ପ୍ରଚାର କାର୍ଯ୍ୟ କରୁଥିଲି, ସେଥିରେ ମୋତେ ସାହାଯ୍ୟ କରିବା ପାଇଁ, ମୁଁ ଅନେକ ଲୋକଙ୍କର ଦ୍ୱାରସ୍ଥ ହୋଇଥିଲି, ମାତ୍ର କେହି ମୋ' ସହିତ ଯୋଗ ଦେବାକୁ ଇଚ୍ଛା କରି ନ ଥିଲେ । ତଥାପି ଈଶ୍ୱରଙ୍କ ଅନୁଗ୍ରହ ମୋତେ ଆଗକୁ ବଢ଼ାଇଥିଲା । ଯଦିଓ ମୋ' ପାଖରେ ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ କିମ୍ବା ଅଧିକ କିଛି ସେବାକାର୍ଯ୍ୟର ଅନୁଭୂତି ନ ଥିଲା । ମୁଁ ଏପରି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଏକ ଗଭୀର ଇଚ୍ଛା ରଖିଥିଲି ଯେଉଁମାନେ ଏହି ଜଗତର ଭାର ଦ୍ୱାରା ବୋଝଗ୍ରସ୍ତ ହୋଇଥିଲେ ।

ଅତି କଷ୍ଟର ସହିତ, ମୁଁ ଏକର୍ଡ଼ିଅନ୍ ନାମକ ଏକ ବାଦ୍ୟ ଯନ୍ତ୍ର କ୍ରୟ କରିପାରିଥିଲି, ଯାହାର ମୂଲ୍ୟ ଥିଲା, ୭୫୦ ଟଙ୍କା ସେହି ବାଦ୍ୟ ଯନ୍ତ୍ର ବଜାଇ ଓ ସେହି ସମୟରେ ମୁଁ ଜାଣିଥିବା ଅଳ୍ପ କେତୋଟି ଗୀତ ଗାଇ, ମୁଁ ଚେନ୍ନାଇ ସିଟ ଚେପକ୍‌ର ଦରିଦ୍ର ଅଞ୍ଚଳଗୁଡ଼ିକୁ ଯାଉଥିଲି । ଉଲ୍ଲେଖ ଯୋଗ୍ୟ ବିଷୟ, ଏହା ସେହି ସ୍ଥାନ ଅଟେ ଯେଉଁଠାରେ ଆଜି ଆମର ମୁଖ୍ୟ ଉପାସନାଳୟ ଓ କାର୍ଯ୍ୟାଳୟ ରହିଅଛି । ମୁଁ ଦିନବେଳା ଏକ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁ କରୁ, ଚେପକ୍‌ରେ ରାସ୍ତା ଉପରେ ମଧ୍ୟ ପ୍ରଚାର କରୁଥିଲି । ମୋର ସହକର୍ମୀମାନେ ମୋତେ ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲେ ଓ ମୁଁ ପ୍ରଚାର କରୁଥିବା ସତ୍ୟକୁ ଶୁଣିବା ପାଇଁ ଆଗକୁ ଆସୁଥିଲେ ।

ଆହୁରି ଆଶ୍ଚର୍ଯ୍ୟର ବିଷୟ ଯେ, ମୁଁ ରାସ୍ତାରେ ପ୍ରଚାର କରୁଥିବା ସମୟରେ, ଏପରି ସମୟ ଆସୁଥିଲା ଯେତେବେଳେ ନିଜ ନିଜ ଗୃହରେ ଥିବା ଅସୁସ୍ଥ ଲୋକମାନେ ସୁସ୍ଥ ହେଉଥିଲେ ଓ ମୋ' ପାଖରେ ଠିଆ ହେବା ପାଇଁ ବାହାରି ଆସୁଥିଲେ । ବେଳେବେଳେ, ସେମାନେ ମୋ' ପାଖରେ ଠିଆ ହେବା ମାତ୍ରେ ମୂର୍ଚ୍ଛିତ ହେଉଥିଲେ ଓ ଏହାକୁ ଦେଖୁଥିବା ଲୋକମାନେ ଭୟରେ ପଳାୟନ କରୁଥିଲେ । ମୁଁ ମଧ୍ୟ ଆଶ୍ଚର୍ଯ୍ୟ ହେଉଥିଲି । ସେମାନଙ୍କୁ (ମୂର୍ଚ୍ଛିତ ହେଉଥିବା ଲୋକମାନଙ୍କୁ) କିପରି ସେହି ସଂକୀର୍ଣ୍ଣ ଗଳି ଗୁଡ଼ିକରେ ମାଛ ସଦୃଶ ଧାଡ଼ି ଧାଡ଼ି କରି ରଖାଯାଉଥିଲା, ତାହା ଏ ପର୍ଯ୍ୟନ୍ତ ମୋର ମନେଅଛି, କାରଣ ମୋ' ନିକଟରେ କୌଣସି ଆନୁଷ୍ଠାନିକ ତାଲିମ ନ ଥିଲା କିମ୍ବା ଏହି ପ୍ରକାର ସେବାକାର୍ଯ୍ୟର ଅନୁଭୂତି ନ ଥିଲା । କ'ଣ କରିବାକୁ ହେବ, ତାହା ଜାଣି ନ ପାରି, ମୁଁ ନିର୍ବାକ୍ ହୋଇ ଠିଆ ହୋଇ ରହୁଥିଲି ।

ସେହି ସମୟଗୁଡ଼ିକରେ, ପବିତ୍ର ଆତ୍ମା ଲୋକମାନଙ୍କ ଉପରେ ହାତ ରଖି ବାସ୍ତବ ଅନୁକମ୍ପା ସହିତ ପ୍ରାର୍ଥନା କରିବା ପାଇଁ ମୋତେ ତାଳନା ଦେଉଥିଲେ । ମୁଁ ବାଧ୍ୟ ହୋଇଥିଲି ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପ୍ରାର୍ଥନା କରିବା ସମୟରେ ସେମାନେ ସୁସ୍ଥ ହେଉଥିଲେ ଓ ଶୟତାନର ବନ୍ଧନରୁ ମୁକ୍ତ ହେଉଥିଲେ । ଏହି ଆଦ୍ୟ ବିରୋଧଗୁଡ଼ିକ ମୋତେ ବହୁଭାବରେ ଶକ୍ତିଯୁକ୍ତ କରିଥିଲା ଓ ଈଶ୍ୱରଙ୍କ ନିମନ୍ତେ ମୋର ପ୍ରେମକୁ ଗଭୀର କରିଥିଲା ।

ଆଜି ଅନେକ ବର୍ଷ ପରେ, ଈଶ୍ୱର ସେହି ଲୋକମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଆମ ମଣ୍ଡଳୀକୁ ଆସିବା ପାଇଁ ସମର୍ଥ କରିଛନ୍ତି । ଅଳ୍ପ କେତେ ଜଣ ସେବାକାର୍ଯ୍ୟରେ ସକ୍ରିୟ ଭାବରେ ଜଡ଼ିତ ହୋଇଛନ୍ତି । ପରେ, ପ୍ରଭୁ ମୋତେ ସେହି ସମାନ ଅଞ୍ଚଳରେ ବଡ଼ ବଡ଼ ପ୍ରଚାର ଅଭିଯାନ ଚଳାଇବାରେ ସାମର୍ଥ୍ୟ ଦେଇଛନ୍ତି, ଯେଉଁଠାରେ ସେ ଶକ୍ତିପୂର୍ଣ୍ଣ ଆଶ୍ଚର୍ଯ୍ୟକର୍ମ ସାଧନ କରିଥିଲେ । ବର୍ତ୍ତମାନ ମଧ୍ୟ, ଈଶ୍ୱର ଅନେକ ରୋଗୀ କିମ୍ବା ଖଞ୍ଜ ଲୋକଙ୍କୁ ସୁସ୍ଥ କରିବାରେ ଓ ଅନ୍ଧକାର ଶକ୍ତି ଦ୍ୱାରା ବହୁ ଦିନରୁ ବନ୍ଦୀ ହୋଇଥିବା ଲୋକଙ୍କୁ ଉଦ୍ଧାର କରିବାରେ ମୋତେ ବ୍ୟବହାର କରୁଛନ୍ତି ।

କିଛି ବର୍ଷ ପୂର୍ବେ, ଈଶ୍ୱର ଚେନ୍ନାଇ ନିକଟସ୍ଥ କାଞ୍ଚିପୁରମ୍‌ଠାରେ ସମାନ ପ୍ରକାରର ଖୋଲା ସଭାର ଆୟୋଜନ କରିବାରେ ମୋତେ ସାହାଯ୍ୟ କରିଥିଲେ । ସଦାପ୍ରଭୁ ସେହି ସମଗ୍ର ଅଞ୍ଚଳରେ ସୁସମାଚାର ପ୍ରଚାର କରିବା ପାଇଁ ମୋତେ ସାମର୍ଥ୍ୟ ଦେଇଥିଲେ । ସେ ମୋତେ ସେହି ସ୍ଥାନଗୁଡ଼ିକୁ ସ୍ମରଣରେ ରଖିବା ପାଇଁ ସ୍ମୃତି ଶକ୍ତି ଦେଇଥିଲେ ଯେଉଁଠାରେ ଦିନେ ମୁଁ ପ୍ରଚାର କରୁଥିଲି । ପୁଣି, ବର୍ତ୍ତମାନ ସେ ମୋତେ ଅଧିକ ପରିମାଣରେ ସେବା କରିବାର ସୁଯୋଗ ଦେଉଛନ୍ତି । ତାଙ୍କ ପବିତ୍ର ନାମର ଗୌରବ ହେଉ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଯୀଶୁ ଖ୍ରୀଷ୍ଟ ଅତି ମୃଦୁଭାବରେ ତାଙ୍କୁ ସଂଶୋଧନ କରିଥିଲେ : "ମାର୍ଥା, ମାର୍ଥା, ତୁମ୍ଭେ ବହୁତ ବିଷୟରେ ଚିନ୍ତିତ ଓ ବ୍ୟତିବ୍ୟସ୍ତ ହେଉଅଛ, କିନ୍ତୁ ଅଳ୍ପ କେତୋଟି, ବରଂ ଗୋଟିଏ ମାତ୍ର ପ୍ରୟୋଜନ, ମରିୟମ ତ ଉତ୍ତମ ଭାଗ ମନୋନୀତ କରିଅଛି, ଆଉ ତାହା ତାହାଠାରୁ ହରଣ କରାଯିବ ନାହିଁ" (ଲୂକ ୧୦:୪୧-୪୨) ।

ମାର୍ଥାଙ୍କର ପ୍ରାଥମିକତାଗୁଡ଼ିକ ଭୁଲ୍ ସ୍ଥାନରେ ରହିଥିଲା ଓ ଏହାର ଫଳ ଥିଲା କ୍ଲାନ୍ତି । ୨୦୨୬ରେ ପ୍ରଭୁ ଆମକୁ ଜ୍ଞାନର ସହିତ ପ୍ରାଥମିକ ବିଷୟଗୁଡ଼ିକୁ ମନୋନୀତ କରିବାରେ, ଅର୍ଥାତ୍ ଆମେ ଯେପରି କ୍ଷୀଣ ନ ହେଉ, ଏଥିପାଇଁ ଯାହା ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ, ସେଗୁଡ଼ିକୁ ମନୋନୀତ କରିବାରେ ଆମକୁ ସାହାଯ୍ୟ କରନ୍ତୁ ।

### ଭୁଲ୍ ସ୍ଥାନରେ ସ୍ଥାପିତ ପରିଚୟ

କ୍ଷୀଣତା, ପ୍ରାୟତଃ ସେତେବେଳେ ଆସେ, ଯେତେବେଳେ ଆମେ ଯାହା ଅଟୁ, ତା' ସହିତ କ'ଣ କରିବାକୁ ହେବ ବୋଲି ଭାବି ଆମେ ଦ୍ୱନ୍ଦଗ୍ରସ୍ତ ହୋଇଯାଉ । କାର୍ଯ୍ୟ ଆମର ମୂଲ୍ୟ ଓ ସେବାକାର୍ଯ୍ୟ ଆମର ପରିମାପକ ହୋଇଯାଏ । ଆମେ ଆମର

ସମୟକୁ କାର୍ଯ୍ୟରେ ଭରିଦେଉ, ସଫଳତା ପଛରେ ଧାଇଁ ଓ ବେଳେବେଳେ ଅନ୍ୟମାନଙ୍କ ସହିତ ମଧ୍ୟ ପ୍ରତିଦ୍ୱନ୍ଦିତା କରୁ । ମାତ୍ର ଆମର ମୂଲ୍ୟ ଆମର କୃତିତ୍ୱରୁ ନୁହେଁ, ମାତ୍ର ଖ୍ରୀଷ୍ଟଙ୍କଠାରୁ ଆସେ ।

"...ମୋହର ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ" (ଫିଲିପୀୟ ୪:୧୯) ।

କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ, ମାତ୍ର ଈଶ୍ୱରଙ୍କ ସହିତ ଆମ ସହଭାଗିତାର ମୂଲ୍ୟ ବିନିମୟରେ ଏହା କରିବା ଅନୁଚିତ । ମଣ୍ଡଳୀକୁ କିମ୍ବା ଖ୍ରୀଷ୍ଟୀୟ ସହଭାଗିତାକୁ କୌଣସି ମୂଲ୍ୟ ବିନିମୟରେ ଅବହେଳା କରନ୍ତୁ ନାହିଁ ।

ମୋଶା ବହୁ କଷ୍ଟରେ ଏହି ବିଷୟ ଶିକ୍ଷା କରିଥିଲେ । ନେତୃତ୍ୱର ଦାୟିତ୍ୱ ଦ୍ୱାରା ଭାରଗ୍ରସ୍ତ ହୋଇ, ସେ ଏକାକୀ ଭାର ବହନ କରିବାକୁ ଚେଷ୍ଟା କରିଥିଲେ । ଶେଷରେ, ତାଙ୍କର ଶ୍ୱଶୁର, ଯିଥ୍ରୋ କର୍ମକର୍ତ୍ତାମାନଙ୍କୁ ନିଯୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ (ଯାତ୍ରାପୁସ୍ତକ ୧୮) । କର୍ମକର୍ତ୍ତାମାନଙ୍କର ନିଯୁକ୍ତି ଓ ପ୍ରଶିକ୍ଷଣ ଅନିବାର୍ଯ୍ୟ ଅଟେ । ଆମେ ସବୁ କାର୍ଯ୍ୟ ଏକାକୀ କରିବା ପାଇଁ ଆହ୍ୱାନ ପାଇ ନାହୁଁ ।

ପ୍ରିୟ ବନ୍ଧୁମାନେ, ଈଶ୍ୱର ଆମକୁ ଯେଉଁ ଦୌଡ଼ରେ ଦୌଡ଼ିବା ପାଇଁ ଆହ୍ୱାନ କରିଛନ୍ତି ସେହି ଦୌଡ଼ ପାଇଁ ସେ ଆମକୁ ଅନୁଗ୍ରହ ପ୍ରଦାନ କରନ୍ତି । ଯଦି ଆପଣ କ୍ଳାନ୍ତ କିମ୍ବା ଭାରଗ୍ରସ୍ତ ଅନୁଭବ କରୁଛନ୍ତି, ତେବେ ଆପଣ ନିଜକୁ ପଚାରନ୍ତୁ: "ଏହା କ'ଣ ସେହି ବିଷୟ ଯାହାକୁ କରିବା ପାଇଁ ଈଶ୍ୱର ପ୍ରକୃତରେ ମୋତେ କହିଛନ୍ତି ?" କ୍ଷୀଣତା ସେହିସବୁ ଭାର ବହନ କରିବା ଯୋଗୁ ଆସେ, ଯେଉଁଗୁଡ଼ିକୁ ଆମେ ଏକାକୀ ବହନ କରୁ ବୋଲି ଈଶ୍ୱର ଆଦୌ ଇଚ୍ଛା କରି ନ ଥିଲେ ।

## ୩. ସମାଜ କିମ୍ବା ସଂପର୍କକୁ ଭୁଲ୍ ସ୍ଥାନରେ ରଖିବା

ଆମେ ନିଃସଙ୍ଗଭାବରେ ଜୀବନ କାଟୁ ବୋଲି ଈଶ୍ୱର ଆଦୌ ଇଚ୍ଛା କରି ନ ଥିଲେ । ଆରମ୍ଭରୁ, ସେ ତାଙ୍କ ସହିତ ଓ ଏକ ଅନ୍ୟର ସହିତ ସହଭାଗିତା ନିମନ୍ତେ ଆମକୁ ନିର୍ମାଣ କରିଥିଲେ । ଯେତେବେଳେ ସଂପର୍କ ନଷ୍ଟ ହୋଇଯାଏ, ସେତେବେଳେ ଏହା ଉଦ୍‌ବେଗ, ବିଷାଦ ଓ ଗଭୀର ଆବେଗିକ ସଂଘର୍ଷ ଦିଗକୁ କଢ଼ାଇ ନେଇପାରେ ।

କ୍ଷୀଣତା ସଠିକ୍ ସ୍ଥାନରେ, ସଠିକ୍ ସମୟରେ ସଠିକ୍ ଲୋକମାନଙ୍କଠାରୁ ବିଚ୍ଛିନ୍ନ ହେବା ଯୋଗୁ ହୋଇପାରିଏ ।

ଲୋଟ ସଦୋମରେ ବାସ କରିବା ମନୋନୀତ କରିଥିଲେ କାରଣ ସେହି ଦେଶ ଉର୍ବର ଓ ସମୃଦ୍ଧ ଦିଶୁଥିଲା (ଆଦିପୁସ୍ତକ ୧୩:୧୦) । କିନ୍ତୁ ସେ ସେହାର ଲୋକ ମାନଙ୍କର ଦୁଷ୍ଟତାକୁ ଦେଖିବାରେ ବିଫଳ ହୋଇଥିଲେ (୧୩ ପଦ) । ତାଙ୍କର ଏକ ଭୁଲ୍ ସମାଜର ମନୋନୟନର ପରିଣାମ ବିନାଶକାରୀ ଅର୍ଥାତ୍, କ୍ଷତି, ଭଗ୍ନ ହୃଦୟ ଓ ଭଗ୍ନ ସଂପର୍କ ହୋଇଥିଲା ।

ଏକାକୀ ଚାଲନ୍ତୁ ନାହିଁ । ଆପଣଙ୍କର ମଣ୍ଡଳୀ ପରିବାର ସହିତ ସଂଯୁକ୍ତ ରହନ୍ତୁ । ଏପରି ସଂପର୍କ ଗଢ଼ନ୍ତୁ ଯାହା ଆପଣଙ୍କର ବିଶ୍ୱାସକୁ ବଳିଷ୍ଠ କରିବ । ପରଚର୍ଚ୍ଚା ନ କରି ଈଶ୍ୱରଙ୍କ ବିଷୟରେ କଥାବାର୍ତ୍ତା କରନ୍ତୁ ।

କ୍ଷୀଣ ହେବା ଏକ ପାପ ଅଟେ କି ?

କ୍ଷୀଣତା ଅନୁଭବ କରିବା ଏକ ପାପ ନୁହେଁ । ଏପରିକି ଏଲୀୟ ମଧ୍ୟ ଗୋଟିଏ ବଡ଼ ବିଜୟ ପରେ କ୍ଳାନ୍ତ ଶ୍ରାନ୍ତ ହୋଇ କ୍ରନ୍ଦନ କରିଥିଲେ :

"... ଯଥେଷ୍ଟ ହେଲାଣି"...(୧ ରାଜାବଳି ୧୯:୪) । ଈଶ୍ୱର ଏଲୀୟଙ୍କୁ ନିନ୍ଦା କରି ନ ଥିଲେ – ସେ ତାଙ୍କୁ ସାନ୍ତ୍ୱନା ଦେଇଥିଲେ, ଭୋଜନ କରାଇଥିଲେ ଓ ବିଶ୍ରାମ ନେବା ପାଇଁ ଅନୁମତି ଦେଇଥିଲେ ।

ଈଶ୍ୱର ଆଜି ଆମକୁ ସେହି ସମାନ କଥା କହୁଛନ୍ତି :

"ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକମାନେ, ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି" (ମାଥିଉ ୧୧:୨୮) ।

ତାଙ୍କ ପାଦ ନିକଟରେ ବସନ୍ତୁ । ତାଙ୍କ ଉପସ୍ଥିତିରେ ବିଶ୍ରାମ ନିଅନ୍ତୁ । ସେ ଆପଣଙ୍କର ଶକ୍ତିକୁ ନୂତନୀକୃତ କରିବେ ।

ବିଶ୍ରାମ ସମ୍ବନ୍ଧରେ ଈଶ୍ୱରଙ୍କର ପ୍ରତିଜ୍ଞା : ... ଆମ୍ଭର ଶ୍ରୀମୁଖ ତୁମ୍ଭ ସହିତ ଗମନ କରିବେ, ପୁଣି ଆମ୍ଭେ ତୁମ୍ଭକୁ ବିଶ୍ରାମ ଦେବା" (ଯାତ୍ରା ୩୩:୧୪) ।

ଯୀଶୁ ଖ୍ରୀଷ୍ଟ ପ୍ରକୃତ ବିଶ୍ରାମ ଦେବା ପାଇଁ ପ୍ରତିଜ୍ଞା କରିଛନ୍ତି : "... ମୋ ନିକଟକୁ ଆସ ... ମୋହର ଯୁଆଳି ସହଜ ଓ ମୋହର ଭାର ଲଘୁ" (ମାଥିଉ ୧୧:୨୮,୩୦) ।

## ପିତର ଆମକୁ ସ୍ମରଣ କରାଇ ଦେଉଛନ୍ତି

"ତୁମ୍ଭେମାନେ ତୁମ୍ଭମାନଙ୍କର ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି" (୧ ପିତର ୫:୭) ।

ମୁଁ "ପକାଅ" ଶବ୍ଦଟିକୁ ଭଲ ପାଏ କାରଣ ଏହାର ଅର୍ଥ ହେଉଛି ଫିଙ୍ଗି ଦେବା – ଏହାକୁ ନିଜେ ନିଜେ ବୋହିବା ବନ୍ଦ କରିଦେବା । ପୁଣି ଯୀଶୁ ଖ୍ରୀଷ୍ଟ ପୁନର୍ବାର ପ୍ରେମରେ ଆମକୁ ଆହ୍ୱାନ କରିଛନ୍ତି :

"...ତୁମ୍ଭେମାନେ ଅନ୍ତର ହୋଇ ଗୋଟିଏ ନିର୍ଜ୍ଜନ ସ୍ଥାନକୁ ଯାଇ କିଛି ସମୟ ବିଶ୍ରାମ କର..." (ମାର୍କ ୬:୩୧) ।

ଆମେ ଯେପରି ଶାନ୍ତିରେ ବାସ କରିବୁ ଓ ତାଙ୍କ ବିଶ୍ରାମକୁ ଉପଭୋଗ କରିବୁ, ଏଥିପାଇଁ ଶାନ୍ତିରାଜା, ଯୀଶୁ ଖ୍ରୀଷ୍ଟ ଏହି ଜଗତ ମଧ୍ୟକୁ ଆସିଥିଲେ । ଆମ ନିମନ୍ତେ କ୍ରୁଶ ଉପରେ ମୃତ୍ୟୁବରଣ କରିଥିଲେ ଓ ପୁନର୍ଜୀବିତ ହୋଇଥିଲେ ।

## ଏକ ଶେଷ ସ୍ମରଣାର୍ଥକ ବିଷୟ

"ଯୀଶୁଙ୍କଠାରେ ଆମେ କିପରି ଏକ ଉତ୍ତମ ବନ୍ଧୁ ପାଇଅଛୁ ।" ସେ ଆମର ପାପ ଓ ଦୁଃଖ ସବୁ ବହନ କରିଛନ୍ତି । ପ୍ରାର୍ଥନାରେ ସବୁ କିଛି ଈଶ୍ୱରଙ୍କ ନିକଟକୁ ନେଇଯିବା କେତେ ସୌଭାଗ୍ୟର ବିଷୟ ।

ଓଃ, ଆମେ ପ୍ରାର୍ଥନାରେ ସବୁକିଛି

ଈଶ୍ୱରଙ୍କ ନିକଟକୁ ଆଣୁ ନ ଥିବାରୁ,

କେତେ ଶାନ୍ତି ପ୍ରାୟ ହରାଇ ଦେଉ,

ଓଃ, ଆମେ କେତେ ଅନାବଶ୍ୟକ ଭାର ବହନ କରୁ ।



... ଆମ୍ଭର ଶ୍ରୀମୁଖ ତୁମ୍ଭ ସହିତ ଗମନ କରିବେ, ପୁଣି ଆମ୍ଭେ ତୁମ୍ଭକୁ ବିଶ୍ରାମ ଦେବା" (ଯାତ୍ରା ପୁସ୍ତକ ୩୩:୧୪) ।

ଆପଣଙ୍କୁ ବିଶ୍ରାମ ଦେବା ପାଇଁ ଈଶ୍ୱରଙ୍କ ଉପସ୍ଥିତି ଆପଣଙ୍କ ଆଗେ ଆଗେ ଗମନ କରନ୍ତୁ ।

ଯୀଶୁଙ୍କଠାରେ ବିଶ୍ରାମ କରନ୍ତୁ,

ଈଶ୍ୱରଙ୍କ ନିକଟକୁ ସବୁ କିଛି ନେଇ ଯାଆନ୍ତୁ ।

ତାଙ୍କ ସହିତ କଥାବାର୍ତ୍ତା କରନ୍ତୁ ।

ସେ ବିନାମୂଲ୍ୟରେ ଦେଉଥିବା ବିଶ୍ରାମକୁ ଗ୍ରହଣ କରନ୍ତୁ ।


## ବିଜ୍ଞାପନ

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୭୧୮୫୮),
(୯୧-୯୮୪୧୨୭୧୮୫୮)
(ମୁଖ୍ୟ ନମ୍ବର) – ସଂରକ୍ଷିତ ରଖନ୍ତୁ ।
ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## OUR BANK DETAILS:

### *1. Bank : State Bank of India*

| | |
|---|---|
| Branch | : **Triplicane, Chennai-5** |
| Name | : **S. Sam Selva Raj** |
| A/C No. | : **1023 2934 679** |
| IFSC | : **SBIN 00 00 249** |
| SWIFT CODE | : **SBI NIN BB 455** |

### *2. Bank : ICICI Bank*

| | |
|---|---|
| Branch | : **Anna Salai, Chennai-6** |
| Name | : **Echo of His Call** |
| A/C No. | : **6038 0502 2319** |
| IFSC | : **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | |
|---|---|
| Branch | : **Triplicane, Chennai-5** |
| Name | : **Echo of His Call Educational Trust** |
| A/C No. | : **1023 2923 805** |
| IFSC | : **SBIN 00 00 249** |

## OUR QR CODE:

ECHO OF HIS CALL

Scan to pay with any UPI app

**Google Pay: 98410 71858**
**PayPal : SAM SELVA RAJ**

*****

E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ପ୍ରୋତ୍ସାହନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ / ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 18th MARCH 2026.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**